ସକାଳ THE SAKALA



# ରେଳ ପ୍ରକଳ୍ପ ଶୋଷି ନେଉଛି ଭୂତଳ ପାଣି

## ଶୁଖିଲା ପଡ଼ିଛି କୂଅ, ନଳକୂଅରୁ ପାଣି ବାହାରୁନି

ବୌଦ୍ଧ,୫ ।୫( ସମିସ)





ବୌଦ୍ଧ ଜିଲ୍ଲାର ଆଡ଼େଣିଗଡ଼ ଅଞ୍ଚଳରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ରେଳପଥ ନିର୍ମାଣ କାର୍ଯ୍ୟ ଏବେ ସ୍ଥାନୀୟ ଲୋକଙ୍କ ପାଇଁ ଗଭୀର ସମସ୍ୟା ସୃଷ୍ଟି କରିଛି। ଭୂମିର ଗଭୀର ଖନନ ଫଳରେ ଭୂ-ଗର୍ଭ ଜଳସ୍ତର ଅଚାନକ ତଳକୁ ଖସିଯାଇଛି। ଗ୍ରାମର କୂଅ ଓ ନଳକୂଅଗୁଡ଼ିକ ଶୁଖି ଯାଇଛି। ଏହାଫଳରେ ପ୍ରାୟ ୩୦୦ ପରିବାର ଥିବା ୫ଟି ସାହିର ଲୋକ ଦୈନିକ ପାଣି ପାଇଁ କଷ୍ଟ ଭୋଗୁଛନ୍ତି। ରେଳପଥ ପାଇଁ ପ୍ରାୟ ୭୦ରୁ ୮୦ ଫୁଟ ଗଭୀର ପର୍ଯ୍ୟନ୍ତ ମାଟି ଖୋଳା ଯାଉଛି। ଏହି ଖନନ କାର୍ଯ୍ୟ ଭୂ-ଗର୍ଭ ଜଳ ସ୍ତରକୁ ପ୍ରଭାବିତ କରିଛି। ଜଳସ୍ତରକୁ ତଳକୁ ନେଇ ଯାଇଛି ବୋଲି ଅଭିଯୋଗ ଉଠିଛି। ପୂର୍ବରୁ ଯେଉଁ କୂଅ ଓ ନଳକୂଅରୁ ସହଜରେ ପାଣି ମିଳୁଥିଲା ସେଗୁଡ଼ିକ ଏବେ ସମ୍ପୂର୍ଣ୍ଣ ଶୁଖି ଯାଇଛି। ଏଣୁ ଲୋକମାନେ ଦୈନିକ ପାଣି ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ଗ୍ରାମର ମହିଳାମାନେ ପ୍ରତିଦିନ ସକାଳୁ ଦୂରକୁ ଯାଇ ପାଣି ଆଣିବାକୁ ବାଧ ହେଉଛନ୍ତି। କେହି କେହି ୨ରୁ ୩ କିଲୋମିଟର ଦୂରରୁ ପାଣି ବୋହି ଆଣୁଛନ୍ତି। ଗ୍ରୀଷ୍ମ ପ୍ରଭାବ ବଢ଼ୁଥିବା ସମୟରେ ଗ୍ରାମରେ ପାନୀୟ ଜଳ ସମସ୍ୟା ଆହୁରି ଭୟାବହ ରୂପ ନେଇଛି। ପାଣି ଅଭାବରେ ରୋଷେଇ, ପାନୀୟ ଜଳ ଓ ପଶୁପାଳନ ଭଳି ଦୈନିକ କାର୍ଯ୍ୟ ବ୍ୟାହତ ହେଉଛି। ଏନେଇ ଗ୍ରାମବାସୀ ସମ୍ପୃକ୍ତ ବିଭାଗ ଓ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନାହିଁ। ଟ୍ୟାଙ୍କର ଯୋଗେ ପାଣି ଯୋଗାଣ, ନୂତନ ଗଭୀର ନଳକୂଅ ଖନନ ଓ ଜଳସ୍ତର ପୁନରୁଦ୍ଧାର ପାଇଁ ଗ୍ରାମବାସୀ ପକ୍ଷରୁ ଦାବି ହୋଇଛି। ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ ଆଡ଼େଣିଗଡ଼ ପଞ୍ଚାୟତର ବହୁ ଦୁର୍ଗମ ଅଞ୍ଚଳ ପରିଦର୍ଶନ କରିବା ସହ ସ୍ଥିତି ପରଖିଛନ୍ତି। ଆଡେଣିଗଡ଼ ଗ୍ରାମର ଜଳ ସଙ୍କଟ ତାଙ୍କ ନଜରକୁ ଆସିଥିଲା। ତୁରନ୍ତ ବିଡ଼ିଓ ବିଜୟ ପ୍ରଧାନ, ସରପଞ୍ଚ ଅଜିତ ପ୍ରଧାନ ଓ ଜଳ ପରିମଳ ବିଭାଗକୁ ୩ଟି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବର୍ତ୍ତମାନ ୨ଟି ଟ୍ୟାଙ୍କର ଯୋଗେ ପାଣି ଦିଆଯାଉଛି; ହେଲେ ବଣ୍ଟନରେ ବାଧା ସୃଷ୍ଟି ହେଉଛି। ପ୍ରତି ପରିବାରକୁ ପାଣି ଯୋଗାଇ ଦେବାରେ ପ୍ରାୟ ୧୦ଘଣ୍ଟା ସମୟ ଲାଗୁଛି। ବିଳମ୍ବରେ ପାଣି ଗ୍ରାମବାସୀ ପାଉଥିବାରୁ ବିଭିନ୍ନ ସମସ୍ୟା ଦେଖା ଦେଉଛି। ଏଣୁ ଆଉ ୨ଗୋଟି ଟ୍ୟାଙ୍କର ଯୋଗେ ପାଣି ଯୋଗାଇଲେ ପାନୀୟ ସମସ୍ୟା ସମାଧାନ ହୋଇପାରନ୍ତା ବୋଲି ଗ୍ରାମବାସୀ କହିଛନ୍ତି। ବର୍ତ୍ତମାନ ଗ୍ରାମବାସୀଙ୍କ ଜୀବନ ଜଳ ସଙ୍କଟରେ ଅଟକିଛି। ସରକାର, ଜିଲ୍ଲା ଓ ବ୍ଲକ ପ୍ରଶାସନ ଏବଂ ରେଳ ବିଭାଗ ପକ୍ଷରୁ ପାନୀୟ ଜଳର ସ୍ଥାୟୀ ସମାଧାନ ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବା ସହ ରାସ୍ତା ଅବରୋଧ ପାଇଁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

- ସ୍ଥାନୀୟ ଲୋକଙ୍କ ପାଇଁ ଗଭୀର ସମସ୍ୟା ସୃଷ୍ଟି କରିଛି
- ଗଭୀର ଖନନ ଫଳରେ ଭୂ-ଗର୍ଭ ଜଳସ୍ତର ତଳକୁ ଖସିଯାଇଛି

## ଅଶୋକ ସାହୁ ରାଜ୍ୟ ବିଜେଡ଼ି ସମ୍ପାଦକ ନିଯୁକ୍ତ



ବୌଦ୍ଧ,୫ ।୫(ସମିସ): ବୌଦ୍ଧ ଜିଲ୍ଲାର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଶୋକ ସାହୁ ରାଜ୍ୟ ବିଜେଡି ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏଡି ନିଯୁକ୍ତି ପ୍ରଦାନ କରିଛନ୍ତି। ଶ୍ରୀ ସାହୁଙ୍କୁ ଦଳୀୟ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ମହୀଧର ରଣା ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି



ବୌଦ୍ଧ, ୫ ।୫ (ସମିସ): କଣ୍ଟାମାଳର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ମହୀଧର ରଣା ବୌଦ୍ଧ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି।

## କଲେଜ ଛାତ୍ରଛାତ୍ରୀଙ୍କ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ




ବୌଦ୍ଧ,୫ ।୫(ସମିସ): କଣ୍ଟାମାଳ ପଞ୍ଚାୟତ କଲେଜ ସଂସ୍କୃତ ବିଭାଗ ଛାତ୍ରଛାତ୍ର କ୍ଷେତ୍ର ପରିଦର୍ଶନ ଅବସରରେ ଖଲିଆପାଲିର ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି। ସଂସ୍କୃତ ବିଭାଗ ମୁଖ୍ୟ ପୌଲସ୍ତି ପ୍ରଧାନ ଏବଂ ଅଧାପକ ଶେତୋପ୍ରାଳ ମହାକୁଲଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ସିଧାସଳଖ ଜ୍ଞାନ ହାସଲ କରିଥିଲେ। ଅଙ୍ଗନୱାଡି କର୍ମୀଙ୍କ ପ୍ରଶାସନିକ ଏବଂ ସେବାମୁଖୀ ଭୂମିକା ବିଷୟରେ ଜାଣି ପାରିଥିଲେ।

## ବିହାରୀ ମାଝୀ ଅନୁସୂଚୀତ ଜନଜାତି ମୋର୍ଚ୍ଚାର ରାଜ୍ୟ ସଂପାଦକ



ଡୁଙ୍ଗୁରିପାଲି,୫ ।୫(ସମିସ): ଓଡ଼ିଶା ବିଜେପି ଅନୁସୂଚୀତ ଜନଜାତି ମୋର୍ଚ୍ଚାର ରାଜ୍ୟ ସଂପାଦକ ଭାବେ ବିହାରୀ ମାଝୀ ପୁନର୍ବାର ମନୋନୀତ ହୋଇଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାର ଜଣେ ପରିଚିତ ଆଦିବାସୀ ନେତା ଓ ଭାରତୀୟ ଜନତା ପାର୍ଟିର ଆଗଧାଡ଼ିର ସଂଗଠକ ଭାବେ ସେ ବେଶ୍ ପରିଚିତ। ଦଳରେ ତାଙ୍କର ଦୀର୍ଘ ଅନୁଭବ ଓ ସଂଗଠନମୂଳକ କ୍ଷମତା ପାଇଁ ସେ ତୃଥମୂଳସ୍ତରରୁ ଆରମ୍ଭ କରି ମଣ୍ଡଳ ସଭାପତି, ଜିଲ୍ଲା ସଭାପତି (ମୋର୍ଚ୍ଚା), ରାଜ୍ୟ ଉପସଭାପତି ଏବଂ ୩ ଥର ରାଜ୍ୟ ସଂପାଦକ ଭାବେ ଦାୟିତ୍ୱ ନିଭାଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ବୀରମହାରାଜପୁର ବିଧାନସଭା ମଣ୍ଡଳୀରେ ପ୍ରଭାରୀ ଭାବେ ସେ ଯେପରି ଦକ୍ଷତା ପ୍ରଦର୍ଶନ କରିଥିଲେ। ତାହାର ଫଳସ୍ୱରୂପ ବିଜେପି ପ୍ରାର୍ଥୀ ରଘୁନାଥ ଜଗଦଲା ବିଜୟୀ ହୋଇଥିଲେ। ଏହା ସହ ଉପ-ନିର୍ବାଚନରେ ମଧ୍ୟ ସେ ତାଙ୍କର ସଂଗଠନମୂଳକ ପ୍ରତିଭା ପ୍ରମାଣ କରିଛନ୍ତି।

## ଗୁଡଭେଲିପଦର ବ୍ରାହ୍ମଣ ସମାଜ ଗଠିତ

ଶଗଡା,୫ ।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲି ପଦର ନୂତନ ବ୍ରାହ୍ମଣ ସମାଜ ଗଠିତ ହୋଇଛି। ଗ୍ରାମ ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏକ ବୈଠକରେ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସମାଜର ସଭାପତି ଭାବରେ ବ୍ରଜସୁନ୍ଦର ମିଶ୍ର, ସମ୍ପାଦକ ସୁଶୀଲ ମିଶ୍ର, ଉପସଭାପତି ଜନାର୍ଦ୍ଦନ ପଣ୍ଡା, ସହସମ୍ପାଦକ ସୁରେନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ଭାବେ ରାଜୀବ ମହାପାତ୍ରଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରୀ କମିଟିରେ ଅଖିଳ ମିଶ୍ର, ହରିହର ଦାସ, ସତ୍ୟବାଦୀ ମହାପାତ୍ର, ଶଙ୍କର ମିଶ୍ର, ସ୍ୱରୂ ମିଶ୍ର ଲିଙ୍ଗରାଜ ପଣ୍ଡା ରହିଛନ୍ତି। ଉପଦେଷ୍ଟା କମିଟିରେ ପ୍ରମୋଦ ମିଶ୍ର, ଚନ୍ଦ୍ରଶେଖର ମିଶ୍ର, ସତ୍ୟନାରାୟଣ ପଣ୍ଡା ଯଦୁନାଥ ମିଶ୍ର, ନିତ୍ୟାନନ୍ଦ ମିଶ୍ର, ପବିତ୍ରମୋହନ ତ୍ରିପାଠୀ, ସୁଦାମ ଚରଣ ମିଶ୍ର ପ୍ରମୁଖଙ୍କୁ ଚୟନ କରାଯାଇଥିଲା।

## କୁଆପଥର ମାଡ଼ରେ ପିଆଜ ଚାଷ ନଷ୍ଟ

ଶଗଡା, ୫ ।୫(ସମିସ): ଗତ କିଛି ଦିନ ହେଲା କଣ୍ଟାମାଳ ବ୍ଲକର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ଯୋଗୁ କୁଆ ପଥର ବର୍ଷା ହେଉଛି। କଣ୍ଟାମାଳ ବ୍ଲକ୍ ଶୁଣ୍ଠିପଦର ପଞ୍ଚାୟତ ପାଇଛାଦାଦର ଗ୍ରାମର ବାନାମ୍ବର ପ୍ରଧାନଙ୍କ ଅଧ ଏକର ପିଆଜ ଚାଷ କୁଆପଥର ମାଡ଼ରେ ସମ୍ପୂର୍ଣ୍ଣ କ୍ଷତି ହୋଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ପାଖାପାଖି ୫୦ ହଜାର ଟଙ୍କା ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏହାକୁ ନେଇ ଚାଷୀ ଭାଙ୍ଗି ପଡିଛନ୍ତି। ଏହାର ତଦନ୍ତ କରି ଆବଶ୍ୟକ କ୍ଷତି ପୂରଣ ଦେବାକୁ ବାନାମ୍ବର ଦାବି କରିଛନ୍ତି।

## ସେବା ଫାଉଣ୍ଡେସନ ପକ୍ଷରୁ ଜଳସେବା

ଡୁଙ୍ଗୁରିପାଲି,୫ ।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସେବା ଫାଉଣ୍ଡେସନ ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥଚାରୀ ଓ ଜନ ସାଧାରଣଙ୍କୁ ଦହିସର୍ବତ ବଣ୍ଟନ କରିଛି। ନିତା ପଟେଲ, କଳିମ ଖାନ୍, ଶ୍ରଦ୍ଧା ପଟେଲ, ଆର୍ତ୍ତୀ କୋଟାରିଆ, ଯତିସ ପଟେଲ ପ୍ରମୁଖ ଉପସ୍ଥିତ ରହି ବଣ୍ଟନ କରିଥିଲେ।



## ବାଲ୍ୟ ବିବାହବେଳେ ନାବାଳିକା ଉଦ୍ଧାର

ବୌଦ୍ଧ,୫ ।୫(ସମିସ): ବୌଦ୍ଧ ଥାନା ଅଞ୍ଚଳରେ ବାଲ୍ୟ ବିବାହ କରିଥିବା ଜଣେ ନାବାଳିକାକୁ ଉଦ୍ଧାର କରି ସ୍ୱଧାର କେନ୍ଦ୍ରକୁ ପଠାଯାଇଛି। ବାଲ୍ୟ ବିବାହ ହୋଇଥିବା ସୂଚନା ପାଇ ଚାଇଲ୍ଡ ହେଲ୍ପ ଲାଇନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ବିନୋଦ ସାହୁ, କାଉନସେଲର ଘନଶ୍ୟାମ ସାହୁ, ସୁପର ଭାଇଜର୍ ଦେବାଶିଷ ଖଟୁଆ, ସ୍ମୃତିରେଖା ପଟ୍ଟନାୟକ ପ୍ରମୁଖ ବୌଦ୍ଧ ପୁଲିସର ସହାୟତାରେ ଚଢଉ କରିଥିଲେ। ନାବାଳିକାଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଥିଲା। ସମିତିର ନିର୍ଦ୍ଦେଶ କ୍ରମେ ନାବାଳିକାଙ୍କୁ ସ୍ୱଧାର କେନ୍ଦ୍ରରେ ଆଶ୍ରୟ ଦିଆ ଯାଇଛି।

## ଗଛକଟାକୁ କେନ୍ଦ୍ରକରି ପୁରୁଣାକଟକ ଥାନାରେ ପୁଲିସ-ଜନତା ପିଟାପିଟି

ବୌଦ୍ଧ,୫ ।୫(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ କରଞ୍ଜିକଟାରେ ଗଛକଟାକୁ କେନ୍ଦ୍ର କରି ପୁରୁଣାକଟକ ଥାନାରେ ଗ୍ରାମବାସୀ ଓ ପୁଲିସ ମଧ୍ୟରେ ତୁମୁଳକାଣ୍ଡ ଘଟିଛି। ପୁଲିସ ଓ ଉତ୍ତ୍ୟକ୍ତ ଲୋକଙ୍କ ମଧ୍ୟରେ ଥାନା ପରିସରରେ ପିଟାପିଟି ହୋଇଛି। ଏହାକୁ ନେଇ ମଙ୍ଗଳବାର ଥାନା ପରିସରରେ ଉତ୍ତେଜନା ଲାଗି ରହିଥିଲା। ଏଥିରେ ଜଣେ ପୁଲିସ କର୍ମଚାରୀ ଆହାତ ହୋଇଛନ୍ତି। ପୁଲିସ ଏହି ଘଟଣାରେ କରଞ୍ଜିକଟା ଗ୍ରାମର ଗୋପୁନ ସାହୁ, ଅତିରାତ୍ର ପ୍ରଧାନ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖଙ୍କୁ ଅଟକ ରଖିଛି।

## ଇନ୍ଦ୍ରାବତୀ ମେଗାଲିଫ୍ଟ କୃଷକ ମଞ୍ଚର ବୈଠକ

## ୮ ରେ କୋକସରାରେ ଚାଷୀ ଆନ୍ଦୋଳନ



କୋକସରା,୫ ।୫(ସମିସ): ରବି ଧାନ ବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ିଥିବା କୋକସରା, ଜୟପାଟଣା ଓ ଧର୍ମଗଡ଼ ଅଞ୍ଚଳର ଚାଷୀମାନଙ୍କ ଦାବିପତ୍ର ସତ୍ତ୍ୱେ ଅନଲାଇନ୍ ପଞ୍ଜୀକରଣ ହୋଇ ପାରିନାହିଁ। ଯାହାଫଳରେ ଉକ୍ତ ଅଞ୍ଚଳର ୧୮,୮୮୫ ହେକ୍ଟର ଜମିରେ ଚାଷ କରିଥିବା ଚାଷି ଚଳିତ ରବି ଧାନଚାଷ ବିକ୍ରିରୁ ବଞ୍ଚିତ ରହିଛନ୍ତି। ଏହାକୁ ନେଇ ୩ ବ୍ଲକ୍‌ର ଚାଷିଙ୍କ ଅସନ୍ତୋଷ ବଢ଼ିବା ସହ ଆନ୍ଦୋଳନର ରୂପ ନେଇଛି। ଆସନ୍ତା ୮ ତାରିଖରେ କୋକସରା ଠାରେ ଇନ୍ଦ୍ରାବତୀ ମେଗାଲିଫ୍ଟ କୃଷକ ସଂଘ ପକ୍ଷରୁ ବ୍ୟାପକ ଆନ୍ଦୋଳନ ସହ ଜାତୀୟ ରାଜପଥ ଅବରୋଧ, ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର କୃଷକ ସଙ୍ଘର ଚୂଡାନ୍ତ ବୈଠକ କୋକସରା ଦୁର୍ଗା ମଣ୍ଡପ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ବୈଠକର ସଭାପତି ପୁରୁଷୋତ୍ତମ ଗୁପ୍ତା ଓ କାର୍ଯ୍ୟକାରୀ ସଭାପତି ରାଜୀବ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଆନ୍ଦୋଳନର ରୂପରେଖ ନେଇ ଆଲୋଚନା କରାଯାଇଥିଲା। ଆନ୍ଦୋଳନ ସମର୍ଥନ କରିବା ପାଇଁ କଳାହାଣ୍ଡି ଜିଲ୍ଲାର ସମସ୍ତ ବିଧାୟକ, ଜନ ପ୍ରତିନିଧି, ବିଭିନ୍ନ ମହାସଙ୍ଘ କୁ ମଧ୍ୟ ସଙ୍ଘ ପକ୍ଷରୁ ଅନୁରୋଧ କରାଯାଇଛି। ବୈଠକରେ ବିଜେଡି ପୂର୍ବତନ ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ବରିଷ୍ଠ ଆଇନଜୀବୀ ଦିଗାମ୍ବର ଦୁରିଆ, ପ୍ରଶାନ୍ତ ତିୱାରୀ, ନବୀନ କୁମାର ନାଏକ, ତ୍ରିଭୁବନ ନାଏକ, ସୁନୀଲ ଚନ୍ଦ୍ର ଦୁରିଆ, ନାରାୟଣ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପ୍ରଧାନୀ, କିରଣ ସାହୁ, ପଙ୍କଜ ପୋଦ୍ଦ, ବିଶ୍ୱନାଥ ପଟ୍ଟନାୟକ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ବିପଦସଙ୍କୁଳ ଗଣ୍ଡାବାହାଲି-ବରଗାଁ ବ୍ରିଜ୍



ସିନାପାଲି,୫ ।୫(ସମିସ):ନୂଆପଡ଼ା ଜିଲ୍ଲା ସିନାପାଲି ଦେଇ ଖଡିଆଳ ସହରକୁ ଯୋଗାଯୋଗ କରୁଥିବା ଗଣ୍ଡାବାହାଲି-ବରଗାଁ ସେତୁ ବିପଦସଙ୍କୁଳ ଅବସ୍ଥାରେ ରହିଛି।ଲୋକେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏହି ରାସ୍ତା ଉପରେ ସିନାପାଲି ଅଞ୍ଚଳର ଲୋକେ ନିର୍ଭରଶୀଳ ହୋଇ ସିଧସଳଖ ଖଡିଆଳ ସହର ଦେଇ କୋମନା ଓ ନୂଆପଡ଼ା ଜିଲ୍ଲା ସଦର ମହକୁମାକୁ ଯାତାୟାତ କରିଥାନ୍ତି। ସେତୁର ପାଶ୍ୱର୍ କାନ୍ଥରେ ବିରାଟ ଫାଟ ସୃଷ୍ଟି ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। କେତେବେଳେ କେଉଁ ଅଘଟଣ ଘଟିବ ତାହା କହି ହେବ ନାହିଁ।ପ୍ରକାଶ ଯୋଗ୍ୟ ଯେ, ଖଡିଆଳ ଠାରୁ ସିନାପାଲି ସହର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ସାଙ୍ଗକୁ ନିର୍ମାଣ କାର୍ଯ୍ୟ କୋଟି ଟଙ୍କା ବ୍ୟୟ ଅଟକଳରେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ହେଲେ ବ୍ରିଜ ନିର୍ମାଣ ପାଇଁ ସେଭଳି ଖସଡ଼ା ପ୍ରସ୍ତୁତ କରାଯାଇ ନ ଥିବା ବେଳେ ସେତୁ ଦିନକୁ ଦିନ ଖରାପ ହେବାରେ ଲାଗିଛି। ଫଳରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହି ଯାତାୟାତ କରୁଛନ୍ତି। ବ୍ରିଜ ନିର୍ମାଣ ତଥା ମରାମତି ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଚାରିଛକରେ ନବନିର୍ମାଣ କୃଷକ ସଂଗଠନର ଜାଗରଣ ଯାତ୍ରା



ହରଭଙ୍ଗା,୫ ।୫(ସମିସ): ହରଭଙ୍ଗା ବ୍ଲକ୍ ଚାରିଛକରେ ମଙ୍ଗଳବାର ଅପରାହ୍ନରେ ନବନିର୍ମାଣ କୃଷକ ସଂଗଠନ ଜାଗରଣ ଯାତ୍ରା କରିଛି। ଏହି ଅବସରରେ ହରଭଙ୍ଗା ତହସିଲ କାର୍ଯ୍ୟା ଳୟଠାରୁ ଏକ ପଦଯାତ୍ରା ବାହାରି ଥିଲା। ଚାରିଛକ ବଜାର ପରିକ୍ରମା କରି ଶିବ ମନ୍ଦିରଠାରେ ସମସ୍ତେ ପହଞ୍ଚି ଥିଲେ। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ନବନିର୍ମାଣ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସହ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ, ଉପଦେଷ୍ଟା ଡ କୁଳମଣୀ, ଯୁବ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମହମ୍ମଦ ମନୋହର ଅଲ୍ଲୀ, ରଞ୍ଜିତ ପଟ୍ଟନାୟକ ପ୍ରଭାତ ମହାଳିକ, ବୌଦ୍ଧ ଜିଲ୍ଲା ସଭାପତି ନରେନ୍ଦ୍ର ସାହୁ, ରାଜ୍ୟ ସଂଯୋଜକ ହୃଷିକେଶ ପ୍ରଧାନ, ବ୍ଲକ ସଭାପତି ପଦ୍ମକିଶୋର ମାହାର, ବୃଦ୍ଧ ବ୍ଲକ ସଭାପତି ମନରଞ୍ଜନ ମହାକୁଡ଼, ବିକାଶ ମହାକୁଡ଼, ମଞ୍ଜୁଲତା ସେଠୀ, ଜୋସ୍ନାରାଣୀ ମହାକୁଡ଼ ପ୍ରମୁଖ ଚାଷୀଙ୍କ ବିଭିନ୍ନ ଦାବିକୁ ନେଇ ସଭାରେ ଗର୍ଜିଥିଲେ।

## ଟୁଟୁସିଙ୍ଗା ଛକ ନିକଟରୁ ବିପୁଳ ବାଲି ଜବତ



ବୌଦ୍ଧ, ୫ ।୫(ସମିସ): ବୌଦ୍ଧ ନିକଟ ଟୁଟୁସିଙ୍ଗା ମହାନଦୀ ବ୍ରିଜ ଛକ ପାଖରେ ଗଚ୍ଛିତ ବିପୁଳ ବାଲି ଜବତ ହୋଇଛି। ରାଜସ୍ୱ ପ୍ରଶାସନ ଏହା ଜବତ କରି ନୋଟିସ୍ କରିଛି। ବ୍ୟକ୍ତିଗତ ନିର୍ମାଣ କାର୍ଯ୍ୟ ଏହି ବାଲି ଗଚ୍ଛିତ ରଖା ଯାଇଥିବା ଅଭିଯୋଗ ପାଇ ବୌଦ୍ଧ ଉପ ଜିଲ୍ଲାପାଳ ବିନୟ ଭୋଇ, ତହସିଲଦାର ଅନିତା ସାହୁ, ଅତିରିକ୍ତ ତହସିଲଦାର ମହମ୍ମଦ ରୋଜାଏ ରସୁଲ, କୁମୁଦଚନ୍ଦ୍ର ଦଳବେହେରା, ରାଜସ୍ୱ ନିରୀକ୍ଷକ ଅନୀଲ ପ୍ରଧାନ ପ୍ରମୁଖ ପୁଲିସ ବାହିନୀ ସହ ପହଞ୍ଚି ବାଲି ଜବତ କରିଛନ୍ତି। ଗଚ୍ଛିତ ବାଲିର ଆବଶ୍ୟକ କାଗଜ ପତ୍ର ୩ ଦିନ ମଧ୍ୟରେ ଦାଖଲ କରିବା ପାଇଁ ନିଜର ବ୍ୟକ୍ତିଗତ ନିର୍ମାଣ କାର୍ଯ୍ୟ କରୁଥିବା ରାଧେଶ୍ୟାମ ସିଂହଲଙ୍କୁ ନୋଟିସ ଜାରି କରାଯାଇଛି।

### ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସୁବର୍ଣ୍ଣପୁର ଗସ୍ତ

# ସହରାଞ୍ଚଳ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ତରଭା,୫ ।୫(ସମିସ)



ଓଡିଶା ସରକାରଙ୍କ ଗୃହ, ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଦିନିକିଆ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋନପୁର ପୌର ପରିଷଦ, ବିନିକା ଓ ତରଭା ଏନଏସିରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ସହରର ପରିମଳ ବ୍ୟବସ୍ଥାର ସମୀକ୍ଷା କରଥିଲେ। ସୋନପୁର ସହରର ସମସ୍ତ ଡ୍ରେନ୍ ନିୟମିତ ସଫା କରିବା ଓ ଠିକ୍ ଭାବେ ପରିମଳ ବ୍ୟବସ୍ଥା ନିର୍ବାହ କରିବା ପାଇଁ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଷି ମାଝିଙ୍କୁ କହିଥିଲେ। ପୁରୁଣା ଡ୍ରେନ୍ ମରାମତି ସହ ଯୋଜନାବଦ୍ଧ ଭାବେ ନୂତନ ଡ୍ରେନ୍ ନିର୍ମାଣ ଉପରେ ମଧ୍ୟ ଜୋର ଦେଇଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅଚଳ ଅଣ୍ଡା ପାନୀୟ ଜଳ ପ୍ରକଳ୍ପଗୁଡିକୁ ଶୀଘ୍ର ମରାମତି କରିବାକୁ କହିଥିଲେ। ଏହାସହ ପାନୀୟ ଜଳ, ପଥ ନିର୍ମାଣ, ପରିମଳ ଓ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସତର୍କ କରିଥିଲେ। ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡିକୁ ଯଥାଶୀଘ୍ର ସମାପ୍ତ କରିବା ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚାଲୁଥିବା କାର୍ଯ୍ୟଗୁଡିକୁ ଗତିଶୀଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଧିବାସୀଙ୍କୁ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ସହ ସହରାଞ୍ଚଳର ସ୍ୱଚ୍ଛତା ଓ ବସ୍ତି ଅଞ୍ଚଳର ଉନ୍ନତିକୁ ଗୁରୁତ୍ୱ ଦେବାକୁ ମଧ୍ୟ ସେ କହିଥିଲେ। ଏହା ପରେ ସୋନପୁର ପୌର ପରିଷଦର ବିଭିନ୍ନ ପ୍ରକଳ୍ପଗୁଡିକର ଶିଳାନ୍ୟାସ କରିଥିଲେ। ପୌର ପରିଷଦ କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହ ରୟାଲ ପଡିଆ ଗ୍ୟାଲାରୀ ନିର୍ମାଣ, ଅଟଳ ବିହାରୀ ବାଜପାୟୀ ପାର୍କ ନିର୍ମାଣ, ୱାର୍ଡ ନମ୍ବର ୧୪ରେ ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ଓ ଗୋପାଳଜୀ ସେବା ସଦନ ସୌନ୍ଦର୍ଯ୍ୟକରଣ ପାଇଁ ମଧ୍ୟ ଶିଳାନ୍ୟାସ କରିଥିଲେ। ପରେ ବୀରମହାରାଜପୁରରେ ମନ୍ତ୍ରୀ ଡ. ମହାପାତ୍ର ୨୦ ଲକ୍ଷର ପ୍ରକଳ୍ପ ରଜା ବନ୍ଧର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଭୂମିପୂଜା କରିବା ସହ ବିଜ୍ଞାପିତ ଅଞ୍ଚଳ ପରିଷଦର ଅସ୍ଥାୟୀ କାର୍ଯ୍ୟାଳୟ ଭାବେ ଚମ୍ପମାଲ ପଞ୍ଚାୟତ କାର୍ଯାଳୟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ଜିଲ୍ଲାପାଳ ଡ. ନୃପରାଜ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଓ ଉପ ଜିଲ୍ଲାପାଳ ସୁରେନ୍ଦ୍ର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ କହିଥିଲେ ଯେ ବୀରମହାରାଜପୁରକୁ ବିଜ୍ଞାପିତ ଅଞ୍ଚଳ ଭାବେ ଗଢ଼ି ଉଠାଇବାରେ ସମସ୍ତଙ୍କ ପ୍ରୟାସ ରହିଥିଲା। ନୂତନ ସ୍ଥାୟୀ ବିଜ୍ଞାପିତ ଅଞ୍ଚଳ ଭବନ ପାଇଁ ୬ କୋଟି ଟଙ୍କା ମଞ୍ଜୁର ହୋଇଛି। ପୂର୍ବରୁ ରାସ୍ତା ଆଲୋକୀକରଣ ପାଇଁ ୫୦ ଲକ୍ଷ, ରାସ୍ତା ଓ ଡ୍ରେନେଜ ପାଇଁ ୫୦ ଲକ୍ଷ ଏବଂ ପରିଚ୍ଛନ୍ନତା ପାଇଁ ୫୦ ଲକ୍ଷ ଟଙ୍କା ଦିଆଯାଇଛି।

